# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୮୨ (ଓଡ଼ିଆ ବୁଲେଟିନ) ସପ୍ତାହ – ୪୧ ତାରିଖ: ୧୩.୧୦.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୦୭.୧୦.୨୦୨୬ ରୁ ୧୩.୧୦.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| **33** | **23** | **0.0** |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୪-୧୦-୨୦୨୬ | ୧୫-୧୦-୨୦୨୬ | ୧୬-୧୦-୨୦୨୬ | ୧୭-୧୦-୨୦୨୬ | ୧୮-୧୦-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 34 | 34 | 34 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 23 | 23 | 23 | 22 |
| ମେଘ ଆବରଣ(ଓକଟା) | 2 | 2 | 1 | 1 | 1 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 85 | 88 | 87 | 87 | 81 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 50 | 51 | 53 | 49 | 47 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 5 | 5 | 6 | 3 | 4 |
| ପବନର ଦିଗ (ଡିଗ୍ରୀ) | 36 | 34 | 52 | 58 | 79 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ବହୁତ କମ ଅଛି ଏବଂ ଏହି ସମୟ ଅବଧିରେ ଆକାଶ ମୁଖ୍ୟତଃ ରୁ ଆଂଶିକ ସଫା ରହିପାରେ । ଆଗାମୀ ଦିନଗୁଡ଼ିକରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ପାଞ୍ଚ ଦିନ ମଧରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୩ ରୁ ୦୬ କି.ମି. ବେଗରେ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

### ସାଧାରଣ ଉପଦେଶ

- ଆଗାମୀ ସପ୍ତାହରେ ପାଗ ଶୁଷ୍କ ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ଫସଲର ଆବଶ୍ୟକତା ଓ ମାଟିର ଆର୍ଦ୍ରତା ଅନୁଯାୟୀ, ବିଶେଷକରି ଫସଲର ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଅବସ୍ଥାରେ ଆବଶ୍ୟକତାନୁସାରେ ଜଳସେଚନ କରନ୍ତୁ । ଅତ୍ୟଧିକ ଜଳସେଚନରୁ ଦୂରେଇ ଉପଲବ୍ଧ ଜଳର ସଠିକ୍ ବ୍ୟବହାର କରନ୍ତୁ ।
- ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିବା ସମୟରେ ଘାସ ନିୟନ୍ତ୍ରଣ ଓ ଅନ୍ତଃଚାଷ କାର୍ଯ୍ୟ ସମ୍ପନ୍ନ କରନ୍ତୁ ।
- ଅନେକ ଚାଷୀଙ୍କ ଧାନ କ୍ଷେତରେ ମାଟିଆଗୁଣ୍ଡି ବା ଚକଡ଼ା ପୋକର ଆକ୍ରମଣ ଦେଖାଯାଇଥିବାରୁ, ଏହାର ବିସ୍ତାର ରୋକିବା ପାଇଁ ଚାଷୀଭାଇମାନେ ବିକଳ୍ପ ଓଦା ଓ ଶୁଖାଇବା ପ୍ରଣାଳୀ ଅନୁସରଣ କରନ୍ତୁ ଏବଂ ଏହି ସମୟରେ ୟୁରିଆ ସାରର ପ୍ରୟୋଗ କରନ୍ତୁ ନାହିଁ ।
- ସାର ଓ ଜୈବସାର ପ୍ରୟୋଗ କେବଳ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିବା ସମୟରେ କରନ୍ତୁ ।
- ଶୁଷ୍କ ପାଗରେ ଜଉ ପୋକ, ଜାସିଡ୍, ଉକୁଣିଆ ପୋକ ଓ ଧଳାମାଛି ଭଳି ରସ ଶୋଷକ କୀଟମାନଙ୍କ ଉପଦ୍ରବ ବଢ଼ିପାରେ । ତେଣୁ ଫସଲକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।
- ପରିପକ୍ୱ ଫସଲ, ଫଳ ଓ ପନିପରିବାକୁ ଉପଯୁକ୍ତ ସମୟରେ ଅମଳ କରି ଶୁଷ୍କ ଓ ନିରାପଦ ସ୍ଥାନରେ ସଂରକ୍ଷଣ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

| • ଚାଷୀଭାଇମାନେ ଜଳସେଚନର ଉପଲବ୍ଧତା ଅନୁଯାୟୀ ରବି ଫସଲ ବୁଣିବା ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ । | | |
|---|---|---|
| **ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ** | | |
| **ଫସଲର ନାମ** | **ଫସଲ ଅବସ୍ଥା** | **କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ** |
| ବର୍ଷା ଦିନିଆ (ଖରିଫ) ଧାନ | କେଣ୍ଡା ଆରମ୍ଭ / ଦୁଗ୍ଧ ଅବସ୍ଥା | • ଧାନ ଫସଲରେ ପତ୍ରମୋଡ଼ା ପୋକର ଆକ୍ରମଣରେ ପ୍ରତି ଗଛରେ ୨ଟି ମୋଡ଼ା ପତ୍ର ଦେଖାଦେଲେ, କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି. @ ୬୦ ମି.ଲି./ଏକର କିମ୍ବା ଟେଟ୍ରାନିଲିପ୍ରୋଲ୍ ୨୦୦ ଏସ୍.ସି. (୧୮.୧୮% w/w) @ ୧୦୦-୧୨୦ ମି.ଲି./ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. @ ୫୦ ଗ୍ରାମ/ଏକର ମଧ୍ୟରୁ ଯେକୌଣସି ଗୋଟିଏ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ମାଟିଆଗୁଣ୍ଡି ବା ଚକଡ଼ା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବା ହେତୁ, ଚାଷୀଭାଇମାନେ ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍‌ସି @ ୯୪ ମି.ଲି./ଏକର, ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. @ ୧୨୦ ଗ୍ରାମ୍/ଏକର, ଡିନୋଟେଫୁରାନ୍ ୨୦% ଏସ୍.ଜି. @ ୬୦-୮୦ ଗ୍ରାମ୍/ଏକର, ଥାୟାମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. @ ୪୦ ଗ୍ରାମ୍/ଏକର, ଇଥୋଫେନୋପ୍ରକ୍ସ ୧୦% ଇ.ସି. @ ୨୦୦-୩୦୦ ମି.ଲି./ଏକର, ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ୍/ଏକର କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. @ ୪୦୦-୬୦୦ ମି.ଲି./ଏକରକୁ ୨୦୦ ଲିଟର ପାଣିରେ ମିଶାଇ ଶୁଷ୍କ ଓ ସଫା ପାଗରେ କ୍ଷେତରେ ବ୍ୟବହାର କରନ୍ତୁ ।<br>• ଚକଡ଼ା ପୋକର ଆକ୍ରମଣ ସମୟରେ ଯବକ୍ଷାରଜାନଯୁକ୍ତ ସାର ପ୍ରୟୋଗ କରନ୍ତୁ ନାହିଁ, ଯାହାଦ୍ୱାରା ପୋକର ଆକ୍ରମଣ ଅଧିକ ବଢ଼ିବାକୁ ରୋକାଯାଇପାରିବ । |
| ଚିନାବାଦାମ | ଫୁଲ ଓ ଓହଳ ଅବସ୍ଥା | • ମାଟିରେ ଆର୍ଦ୍ରତା କମ୍ ଥିଲେ ଫୁଲ ଧରିବା, ଗଛରେ ଓହଳ ପ୍ରବେଶ କରିବା ଓ ଦାନା ବିକାଶ ଅବସ୍ଥାରେ ଆବଶ୍ୟକତାନୁସାରେ ସୁରକ୍ଷାମୂଳକ ଜଳସେଚନ କରନ୍ତୁ । ଫୁଲ ଧରିବା ଓ ଓହଳ ମାଟିରେ ପ୍ରବେଶ କରିବା ସମୟରେ ମାଟିରେ ଆର୍ଦ୍ରତାର ଅଭାବ ହେବାକୁ ଦିଅନ୍ତୁ ନାହିଁ ।<br>• ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଅବସ୍ଥାରେ ଘାସ ନିୟନ୍ତ୍ରଣ, ଅନ୍ତଃଚାଷ ଓ ମାଟି ଚଢ଼ାଇବା କାର୍ଯ୍ୟ କରି ନିଅନ୍ତୁ ।<br>• ଓହଳ ପ୍ରବେଶ କରିବାର ୩୦ ଦିନ ମଧ୍ୟରେ କାଲସିୟମ ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ଅଟେ । ମୃତ୍ତିକା ପରୀକ୍ଷା ନ ହୋଇ ସୁଦ୍ଧା ଚିନାବାଦାମ ଫସଲକୁ କାଲସିୟମ ନିମନ୍ତେ ଜିପସମ୍ ପ୍ରୟୋଗ କରିବା ଜରୁରୀ ଅଟେ । ଯଦି ପୂର୍ବରୁ ପ୍ରୟୋଗ କରାଯାଇନାହିଁ, ତେବେ ପୂର୍ଣ୍ଣ ଫୁଲ ଧରିବା କିମ୍ବା ପ୍ରାରମ୍ଭିକ ଓହଳ ଅବସ୍ଥାରେ ପ୍ରତି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପସମ୍ ପ୍ରୟୋଗ କରନ୍ତୁ ।<br>• ବର୍ତ୍ତମାନର ପାଣିପାଗ ପରିସ୍ଥିତି ଟିକ୍କା ରୋଗ ବା ପତ୍ର ଛିଟା ରୋଗର ସଂକ୍ରମଣ ପାଇଁ ଅନୁକୂଳ ଥିବାରୁ, ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି । ଯଦି ରୋଗର ସଂକ୍ରମଣ ଦେଖାଯାଏ, ତେବେ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁଜି **@** ୦.୨୫-୦.୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଖେତରେ ସିଞ୍ଚନ କରନ୍ତୁ । |
| ରବି ଫସଲ | ବୁଣା ପୂର୍ବ ଅବସ୍ଥା | • ମାଟିରେ ଥିବା ଆର୍ଦ୍ରତାର ଅବସ୍ଥା ଅନୁଯାୟୀ ସୋରିଷ, ବୁଟ, ମଟର, କୋବି ଜାତୀୟ ପନିପରିବା ଆଦି ରବି ଫସଲ ଚାଷ ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରିବାକୁ ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି । ନର୍ସରୀ ବୁଣା ପାଇଁ ଉପଯୁକ୍ତ କିସମର ପ୍ରମାଣିତ ଓ ସୁସ୍ଥ ବିହନ ବ୍ୟବହାର କରନ୍ତୁ ।<br>• ବିହନ ବୁଣିବା ପୂର୍ବରୁ ମାଟିର ଆର୍ଦ୍ରତା ଯାଞ୍ଚ କରନ୍ତୁ । ମାଟି ଅତ୍ୟଧିକ ଶୁଷ୍କ ଥିଲେ ଏବଂ ଜଳସେଚନ ସୁବିଧା ଥିଲେ, ବିହନ ବୁଣିବା ପୂର୍ବରୁ ହାଲୁକା ଜଳସେଚନ କରନ୍ତୁ ।<br>• ଭଲ ଭାବରେ ପଚିଥିବା ଗୋବର ଖତ ଜମିରେ ମିଶାନ୍ତୁ ଏବଂ ମାଟି ପରୀକ୍ଷା ରିପୋର୍ଟ ଓ ଫସଲର ଆବଶ୍ୟକତା ଅନୁଯାୟୀ ସାର ପ୍ରୟୋଗ କରନ୍ତୁ ।<br>• ଆଗକୁ କୀଟପତଙ୍ଗ ଓ ରୋଗର ପ୍ରାଦୁର୍ଭାବକୁ କମାଇବା ପାଇଁ ଜମିର ଅନାବନା ଘାସ ଏବଂ ପୂର୍ବ ଫସଲର ଅବଶିଷ୍ଟାଂଶକୁ ସଫା କରିଦିଅନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଅବସ୍ଥା | • ଆଗାମୀ ଶୁଷ୍କ ପାଗର ସ୍ଥିତିକୁ ଦୃଷ୍ଟିରେ ରଖି, କଖାରୁଜାତୀୟ ପନିପରିବା ଫସଲରେ ବିଶେଷକରି ଫୁଲ ଧରିବା ଓ ଫଳ ବିକାଶ ଅବସ୍ଥାରେ ହାଲୁକା ଏବଂ ଆବଶ୍ୟକତାନୁସାରେ ଜଳସେଚନ କରନ୍ତୁ ଯଦି ଦରକାର ପଡ଼େ । ସମ୍ଭବ ହେଲେ ମଲଚିଂ ବା ଆଚ୍ଛାଦନ ପ୍ରୟୋଗ କରି ମାଟିର ଆର୍ଦ୍ରତା ସଂରକ୍ଷଣ କରନ୍ତୁ ।<br>• ଲତାକୁ ଉପଯୁକ୍ତ ଭାବେ ମାଚା କିମ୍ବା ଅନ୍ୟାନ୍ୟ ଉପଯୁକ୍ତ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ଏବଂ ସମୟୋପଯୋଗୀ ଭାବେ ଘାସ ନିୟନ୍ତ୍ରଣ କରନ୍ତୁ । |

| | | |
|---|---|---|
| | | • ଫସଲରେ ଜଉ ପୋକ, ଧଳାମାଛି, ଜାସିଡ୍ ଓ ଉକୁଣିଆ ପୋକର ଉପସ୍ଥିତି ନିୟମିତ ଯାଞ୍ଚ କରନ୍ତୁ, ବିଶେଷକରି ପତ୍ରର ତଳପଟ ଓ କଅଁଳିଆ ଡାଳକୁ ଭଲଭାବେ ନିରୀକ୍ଷଣ କରନ୍ତୁ ।<br>• ଉପଯୁକ୍ତ କ୍ଷେତ୍ରରେ ଭୂତାଣୁଜନିତ ରୋଗାକ୍ରାନ୍ତ ଗଛଗୁଡ଼ିକୁ ହଟାଇ ଦିଅନ୍ତୁ ଏବଂ ରୋଗ ବାହକ ପୋକଗୁଡ଼ିକର ଶୀଘ୍ର ନିୟନ୍ତ୍ରଣ କରନ୍ତୁ ।<br>• ଧଳାମାଛି ଓ ଜଉ ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୮–୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ ।<br>• ପୋକ ଆକ୍ରମଣର ପ୍ରାରମ୍ଭିକ ଅବସ୍ଥାରେ ନିମ୍ବଭିତ୍ତିକ କୀଟନାଶକ, ଯଥା ଆଜାଡିରାକ୍ଟିନ୍ ୧୫୦୦ ପିପିଏମ୍, ପ୍ରୟୋଗ କରନ୍ତୁ । |
| ଲଙ୍କା | ବୁଣିବା ପୂର୍ବ ଓ ବୁଣିବା ଅବସ୍ଥା/ ଚାରା ରୋପଣ / ଲଗାଇବା | • ସୁସ୍ଥ ଲଙ୍କା ଚାରା ପ୍ରସ୍ତୁତ କରିବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ଥିବା ଉର୍ବର ମାଟି ଚୟନ କରି ନର୍ସରୀ ପାଇଁ ଭଲ ଭାବରେ ମାଟି ପ୍ରସ୍ତୁତ କରନ୍ତୁ । ସୁପାରିଶ କରାଯାଇଥିବା କବକନାଶକ କିମ୍ବା ଜୈବ ନିୟନ୍ତ୍ରକ ଦ୍ରବ୍ୟ ଦ୍ୱାରା ବିହନ ବିଶୋଧନ କରନ୍ତୁ । ମାଟିରେ ଭଲ ଭାବରେ ପଚିଥିବା ଗୋବର ଖତ ମିଶାନ୍ତୁ ଏବଂ ବିହନ ବୁଣିବା ପୂର୍ବରୁ ନର୍ସରୀରେ ପର୍ଯ୍ୟାପ୍ତ ଆର୍ଦ୍ରତା ରଖନ୍ତୁ ।<br>• ହାଲୁକା ଜଳସେଚନ ମାଧ୍ୟମରେ ନର୍ସରୀରେ ଉପଯୁକ୍ତ ଆର୍ଦ୍ରତା ବଜାୟ ରଖନ୍ତୁ । ମାଟି ଶୁଷ୍କ ହେବା କିମ୍ବା ଜଳ ଜମି ରହିବାକୁ ଦିଅନ୍ତୁ ନାହିଁ । ଅଧିକ ଖରା ଓ ଗରମ ସମୟରେ ନର୍ସରୀକୁ ହାଲୁକା ଛାୟା ପ୍ରଦାନ କରନ୍ତୁ ଏବଂ ଚାରାଗୁଡ଼ିକରେ ଚାରା ମରା ରୋଗ (ଡ୍ୟାମ୍ପିଂ-ଅଫ୍) ଓ ଅନ୍ୟାନ୍ୟ ରୋଗର ଲକ୍ଷଣ ଦେଖାଯାଉଛି କି ନାହିଁ ନିୟମିତ ଯାଞ୍ଚ କରନ୍ତୁ ।<br>• ସୁସ୍ଥ ଓ ରୋଗମୁକ୍ତ ଲଙ୍କା ଚାରାଗୁଡ଼ିକୁ ଦିନର ଥଣ୍ଡା ସମୟରେ, ବିଶେଷକରି ଅପରାହ୍ନରେ ରୋପଣ କରନ୍ତୁ । ରୋପଣ ପରେ ତୁରନ୍ତ ଜଳସେଚନ କରନ୍ତୁ ଏବଂ ଶୁଷ୍କ ପାଗରେ ଚାରାଗୁଡ଼ିକ ଭଲ ଭାବରେ ମାଟିରେ ପ୍ରତିଷ୍ଠିତ ହେବା ପାଇଁ ଆବଶ୍ୟକତା ଅନୁଯାୟୀ ହାଲୁକା ଜଳସେଚନ କରନ୍ତୁ ।<br>• ସମ୍ଭବ ହେଲେ, ମାଟିର ଆର୍ଦ୍ରତା ସଂରକ୍ଷଣ ଓ ଅନାବନା ଘାସ ନିୟନ୍ତ୍ରଣ ପାଇଁ ଗଛ ଚାରିପାଖରେ ଆଚ୍ଛାଦନ (ମଲ୍ଚିଂ) କରନ୍ତୁ । ଦିନର ଅତ୍ୟଧିକ ଗରମ ସମୟରେ ଚାରା ରୋପଣ କରନ୍ତୁ ନାହିଁ ଏବଂ ଗଛଗୁଡ଼ିକରେ ଝାଉଁଳିବା ଲକ୍ଷଣ ଓ କୀଟପତଙ୍ଗଙ୍କ ଆକ୍ରମଣ ନିୟମିତ ଯାଞ୍ଚ କରନ୍ତୁ । |
| ପଶୁ ପାଳନ | • ପଶୁମାନଙ୍କ ମଧ୍ୟରେ ଖୁରା ଓ ମୁହଁ ରୋଗ ବା ଫାଟୁଆ (FMD) ଓ ଥନହରା (ମାଷ୍ଟାଇଟିସ୍) ରୋଗର ଲକ୍ଷଣଗୁଡ଼ିକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ । ଦିନସାରା ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପରିଷ୍କାର ପାନୀୟ ଜଳ ଯୋଗାଇବା ସହ ଅତ୍ୟଧିକ ଗରମ ଓ ଶୁଷ୍କ ପାଗ ସମୟରେ ଛାଇ ଓ ଆଶ୍ରୟ ପ୍ରଦାନ କରନ୍ତୁ । ପଶୁ ରହୁଥିବା ଗୁହାଳକୁ ପରିଷ୍କାର ରଖିବା ସହ ଭଲ ବାୟୁ ଚଳାଚଳର ଉଚିତ ବ୍ୟବସ୍ଥା କରନ୍ତୁ । ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସବୁଜ ଓ ଶୁଖିଲା ଚାରା ସହିତ ଖଣିଜ ମିଶ୍ରଣ ଯୋଗାଇ ଦିଅନ୍ତୁ । | |
| ମାଛ ଚାଷ | • ମତ୍ସ୍ୟଚାଷୀମାନଙ୍କୁ ମାଛ ପୋଖରୀରେ ପର୍ଯ୍ୟାପ୍ତ ଜଳସ୍ତର ବଜାୟ ରଖିବା, ସକାଳୁ ଜଳରେ ଦ୍ରବୀଭୂତ ଅମ୍ଳଜାନର ମାତ୍ରା ଯାଞ୍ଚ କରିବା, ମାଛର ଖାଦ୍ୟ ଗ୍ରହଣ କ୍ଷମତା ଅନୁଯାୟୀ ଖାଦ୍ୟ ଦେବା, ଅଧିକ ଖାଦ୍ୟ ଦେବାରୁ ନିବୃତ୍ତ ରହିବା ଏବଂ ମାଛମାନଙ୍କଠାରେ ଚାପ ବା ରୋଗର ଲକ୍ଷଣ ଦେଖାଯାଉଛି କି ନାହିଁ ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ (https://play.google.com/store/apps/details?id=com.imd.masuam).